# ଆହ୍ୱାନ

ମାତୃଭାଷା ଓ ମାତୃଭୂମୀର ସଜାଗ ପ୍ରହରୀ

Volume 1, Issue 1, February 2006



ଆମେ ଆବଶ୍ୟକ କରୁଛୁ ଆପଣଙ୍କପରି ଉତ୍ସାହୀ ଓ ସଂସ୍କୃତିପ୍ରେମୀ ବ୍ୟକ୍ତିତ୍ୱର । ଯଦି ଆପଣ ଆମକୁ ସାହାଯ୍ୟ କରିବାକୁ ଚାହାନ୍ତି, ତେବେ ବିବରଣୀ ପାଇଁ ଶେଷ ପୃଷ୍ଠା ଦେଖନ୍ତୁ ।



## ଆହ୍ୱାନ..........

ପ୍ରେମର ଆହ୍ୱାନ
ସ୍ନେହର ଆହ୍ୱାନ
ଶ୍ରୁତିର ସ୍ମୃତିର
କେତେ ରୀତିନୀତିର
ଛାତିର କୋହର ମାଟିର ମୋହର
ଆହ୍ୱାନ ସେହି ଆତ୍ମାକୁ ଏଇ ଆତ୍ମାର..........

ଭାଷାର ଜାତିର
ଗ୍ରୀଷ୍ମର ତାତିର
ମଗୁଶିର ଝୋଟିର ବୋହୂଚୋରି
ସାଥୀର.............

ଆହ୍ୱାନ ଏହି କଲମର ଆଣିଦେଉ
ଭାବନାର ଅସୁମାରୀ ସ୍ରୋତ
ଢାଳିଦେଉ ପୁଣି କେତେ ଅନବିଦ୍ୟ ରଙ୍ଗ
ଟାଣି ଆଣୁ
ଅବଗୁଣ୍ଠନରୁ ପ୍ରହେଳିକା ମାନ..............

ମାଟିର ଗୋରବ
ଜାତିର ଗର୍ବ
ମଧୁ ଗୋପବନ୍ଧୁ ଆଉ କେତେ ଭଞ୍ଜ
ଆବେଦନ ଏହି ନିମିତ ମାତ୍ର..............

ଆହ୍ୱାନ ଏଇ ଦେଉଛି
କାଗଜର ହୃଦୟରେ କଲମର ଦାଗ.............

**ପ୍ରୀତି ପ୍ରିୟଦର୍ଶିନୀ**



### ସଂପାଦକଙ୍କ ଲେଖନୀରୁ

ଆଜି ଏକ ନୁତନ ଯୁଗର ଅୟମାରମ୍ଭ ହେଲା । ଏହି ଇ-ନିଉଜ ଲେଟେର ଯାହା ବର୍ତ୍ତମାନ ଆପଣ ପଢୁଛନ୍ତି, ତାହା ଓଡିଶାର ପ୍ରଥମ ଇ-ନିଉଜ ଲେଟର ଭାବରେ ପରିପ୍ରକାଶ ପାଇଛି । ଓଡିଶା ଭିତରେ ଓ ବାହାରେ ରହୁଥିବା ଅସଂଖ୍ୟ ଓଡିଆଭାଷାଭାସୀ ମାନଙ୍କପାଇଁ ଏହି ଉପହାର ଆଣିଦେଇଛୁ । ଏହା ଆପଣଙ୍କୁ ଓଡିଶାର ଭାଷା ଓ ଭୂମୀର ସୁଗନ୍ଧ ଆଣିଦେବ । ଏଥିରେ ଆମେ ପ୍ରଚେଷ୍ଟା କରିବୁ ଆପଣଙ୍କୁ ଯୋଗାଇବାପାଇଁ ସୁ-ର୍ଣତ: ଓଡିଆ ଗଳ୍ପ ଓ କବିତାର ସମାହାର । ଏହା ବିଶେଷତ: ସେହି ଓଡିଆ ବନ୍ଧୁ ମାନଙ୍କୁ ସାହାଯ୍ୟ ହେବ ଯେଉଁମାନେ ଇଂଟରନେଟମାଧ୍ୟମରେ ବାର୍ତ୍ତାପ୍ରେରଣ କରନ୍ତି ଆଉ କଂପ୍ୟୁଟରର ବ୍ୟବହାର କରନ୍ତି ।

ଆମେ ଆଶାକରୁଛୁ ଏହି ପ୍ରୟାସଦ୍ୱାରା ଆମେ ନିଶ୍ଚୟ ଆପଣଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆଣିବୁ । ଆମ ମାତୃଭାଷା ଓ ମାତୃଭୂମୀର ସମ୍ମାନ ରକ୍ଷାକରିବା ପାଇଁ ଆମର ଏହି ଛୋଟ ଚେଷ୍ଟାକୁ ଆପଣମାନେ ସସ୍ନେହ ଗ୍ରହଣ କଲେ ଆମେ ଆହୁରି ଅଧିକ ଉତ୍ସାହିତ ହୋଇ ଆପଣମାନଙ୍କ ପାଇଁ ଅଧିକରୁ ଅଧିକ ଭଲ ଲେଖା ପ୍ରକାଶ କରିବୁ ।

ସଂପାଦକ

ଓଡିଆ
ଓଡିଶା

# ବାପା କହୁଥିଲେ.........

କ୍ଲିନିକରେ ବସି ରାସ୍ତାଉପରେ ନଜର ପକାଇଲେ ଡାକ୍ତର ଆଜ୍ଞା । ଦୁର ଦୁର ପର୍ଯ୍ୟନ୍ତ ଗୋଟିଏ ବି ଲୋକ ଦେଖାଯାଉନାହାନ୍ତି । ବିଚଳିତ ଲାଗୁ ଥିବା ଡାକ୍ତର ଆଜ୍ଞାଙ୍କ ମୁହଁରେ ହସର ଗୋଟିଏ କିରଣ ଦିଶିଲା । ରାସ୍ତାରେ ଦୁରରୁ ସାଇକେଲରେ ବସାଇ ଗୋଟିଏ ରୋଗୀକୁ କିଛି ଲୋକ ଆଣୁଥିଲେ । ଦେଖୁ ଦେଖୁ କ୍ଲିନିକ ଭିତରଟା ଜନାର୍ଣବ ହୋଇ ଗଲା । ରୋଗୀଟିକୁ ଦେଖି ଆଜ୍ଞା ଦୁରବୀନ ( ଷ୍ଟେଥୋସ୍କୋପ ) ପକାଇ ଦେଖିଲେ, ଆଉ ତା'ପରେ ମୁଣ୍ଡର ରେଖାଗୁଡିକ ଉପରକୁ ଉଠାଇ କହିଲେ, 'ଡେରି କରିଦେଲ । ଆଉ ଯଦି ଦିନେ ଦୁଇ ଦିନେ ଆଗରୁ ଆଣିଥାନ୍ତ ତା'ହେଲେ ମୁଁ କିଛି କରିପାରନ୍ତି ।' ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ବ୍ୟାପୀଗଲା । ଗହଳି ମଧ୍ୟରୁ ବାହାରକୁ ଆସି ଜଣେ ପକ୍ୱବୟସ୍କ ବ୍ୟକ୍ତି କହିଲା, 'ଆଜ୍ଞା, ଆପଣଙ୍କ କୃପାଟିକେ ହେଲେ ନିଶ୍ଚୟ ଆମ ଗାଁର ଲୋକଟି ବଂଚିଯିବ । ଡାକ୍ତର ଆଜ୍ଞା ମୁରୁକି ହସି କହିଲେ, 'ହଁ ହଁ ବଂଚିବନି କେମିତି ? ନିଶ୍ଚୟ ବଂଚିବ । ମୁଁ କାହିଁକି ଏତେ ପୋଥି ପଢିଛି ଭଲା ? କିନ୍ତୁ............ଖର୍ଚ୍ଚପାଣି ଟିକେ ଅଧିକ ଲାଗିବ ।'



ସେହି ବୁଢାଟି ଗହଳି ମଝିରେ ପସି ବାହାରକୁ ଗଲା ଆଉ ଫେରି ଆସି ଡାକ୍ତର ଆଜ୍ଞାଙ୍କ ଟେବୁଲ ଉପରେ ପାଂଚଟି ଶହେ ଟଙ୍କିଆ ଥୋଇଦେଲା । ବାସ ଏବେ ଡାକ୍ତର ଆଜ୍ଞା କାମରେ ଲାଗିଗଲେ । ରୋଗୀଟିକୁ କ୍ଲିନିକରେ ଜଏନ୍ କରାଗଲା । ଏହା କେବଳ ଆମର ଡାକ୍ତର ଆଜ୍ଞାଙ୍କର ହିଁ ନୁହେଁ ବରଂ ତା'ଙ୍କ ପରି ଛୋଟ ଛୋଟ ସହର ରେ କ୍ଲିନିକ କରିଥିବା ଅନେକେ ଡାକ୍ତରଙ୍କର । ଯେଉଁ ଗାଁରେ ଆଜ୍ଞାଙ୍କର ଚାକିରୀ ସେଇଠିକି ଆଜ୍ଞା ମାସକରେ ଅତି ବେଶୀରେ ଚାରି ପାଂଚ ଥର ଯାଆନ୍ତି । ବାକି ସମୟ ଏହି କ୍ଲିନିକରେ ବସନ୍ତି । ଦିନରେ ଦଶ ବାରଟି ରୋଗୀ



ହେଲେ ହେଲା ।



କାହିଁକି ଡାକ୍ତର ଆଜ୍ଞା ଗାଁ କୁ ଯାଆନ୍ତି ନାହିଁ ? ଏହାର ଅନେକ କାରଣ ଅଛି । ପ୍ରଥମତଃ ଗାଁ ର ପରିବେଶରେ ଡାକ୍ତର ଆଜ୍ଞାଙ୍କ ଦେହରେ ଯାଏନି । ଦ୍ୱିତୀୟ କଥାଟା ହେଲା ସେଇଠି ଥିବା ସ୍ପେସାଲିଷ୍ଟ ଡାକ୍ତର । ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ, ଗାଁ ରେ ପୁଣି ସ୍ପେସାଲିଷ୍ଟ ? ହୁଁ କହିଲେ ବିଶ୍ୱାସ କରିବେ ନାହିଁ କିନ୍ତୁ ଏହି ବିଶେଷଜ୍ଞ ଜଣକ ଆଉ କେହି ନୁହେଁ ବରଂ ସେହି ଗ୍ରାମୀଣ ସ୍ୱାସ୍ଥ୍ୟକେନ୍ଦ୍ର ଏକମାତ୍ର ଫାର୍ମାସିଷ୍ଟ ବା କ-।ଉଣ୍ଡର । ଆମ ଡାକ୍ତର ଆଜ୍ଞାଙ୍କ କଥା ଯଦି ମାନନ୍ତି ତା'ହେଲେ ଅଧିକାଂଶ ଡାକ୍ତର ଗାଁ ମାନଙ୍କୁ କେବଳ ଏହି କାରଣରୁ ଯାଆନ୍ତି ନାହିଁ ।

ନୂଆ କରି ଡାକ୍ତରୀ ଡିଗ୍ରୀ ପାଇବାପରେ ଯେତେବେଳେ ଆମର ଡାକ୍ତର ଆଜ୍ଞାଙ୍କ ଚାକିରୀ ଏହି ଗାଁ ରେ ହେଲା ସେ ଭାରୀ ଉତ୍ସାହିତ ହୋଇ ଗାଁ ରେ ପହଂଚିଲେ କିନ୍ତୁ ଏଇଠି ଆସି ତାଙ୍କର ସତ୍ୟ ସହିତ ସାମନା ହେଲା । ପ୍ରଥମ କଥା ହେଲା ଏଇଠି ଲୋକମାନେ କୋଣସି ଡାକ୍ତରଙ୍କୁ ଆବଶ୍ୟକ କରନ୍ତି ନାହିଁ । କାରଣ କ-।ଉଣ୍ଡର ଆଜ୍ଞା ହେଉଛନ୍ତି ସବୁଠୁ ବଡ ଡାକ୍ତର । ସକାଳୁ ସକାଳୁ ଡାକ୍ତର ଆଜ୍ଞାଙ୍କ ନିଦ ଭାଙ୍ଗିଲା ବେଳକୁ କ-।ଉଣ୍ଡରବାବୁ ନିଜ କ୍ୱାର୍ଟରରେ ହିଁ ଗୋଟିଏ କ୍ଲିନିକ କରିଦେଇଛନ୍ତି । ଆମ ଡାକ୍ତର ଆଜ୍ଞାଙ୍କୁ ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ସେ ଏହି ଗାଁ ରେ ଅନାବଶ୍ୟକ ଭାବରେ ଅଛନ୍ତି । ସେହି ଦିନଠାରୁ ସେ ଯେତେ ପ୍ରକାର ଚେଷ୍ଟା କଲେ ବି କ-।ଉଣ୍ଡର ରୁପି କୁକୁର ର ଲାଂଜ କେବେ ବି ସିଧା ହେଲା ନି । ଆଉ ଯେତେବେଳେ ଉପର ଅଫିସର ମାନେ ଆଜ୍ଞାଙ୍କ କଥାପ୍ରତି କୋଣସି ଧ୍ୟାନ ଦେଲେ ନାହିଁ ସେତେବେଳେ ଡାକ୍ତର ଆଜ୍ଞା ଆଉ ସେହି ଗାଁ କୁ ଗଲେ ନାହିଁ

ଏକ ପ୍ରକାର ଏହା ଭଲ ବି ଥିଲା । ତା'ପରେ ଡାକ୍ତର ଆଜ୍ଞା ଏଇଠି ଆସି ଏହି କ୍ଲିନିକର ଶୁଭାରମ୍ଭ କଲେ । ଏହାପରେ ସି ଡି ଏମ୍ ଓ ଅଫିସରୁ ଅନେକ ଥର ଉପର ଅଧିକାରୀଙ୍କ ତାଗିଦ ଶୁଣିବି ସେ ସୁଧୁରି ନାହାନ୍ତି । ସୁଧୁରିଲେ ପୁଣି ସେହି ଗାଁ କୁ ଯିବାକୁ ହେବ ଯେଉଁଠି କ-।ଉଣ୍ଡର ବାବୁଙ୍କ କାଟତି ବେଶୀ



ମାଁ କାଳୀଜାଇ ଠାକୁରାଣୀ, ଚିଲିକା



ଏହା ପ୍ରକୃତରେ ସତ୍ୟ । ଆମ ସରକାର ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଦେଶର ପ୍ରତ୍ୟେକ ଜନସାଧାରଣଙ୍କ ପାଇଁ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗେଇଦେବା ପାଇଁ ଗାଁ ଗାଁ ରେ ସ୍ୱାସ୍ଥ୍ୟ କେନ୍ଦ୍ର, ଉପ କେନ୍ଦ୍ର ଆଉ ଅଙ୍ଗନାୱାଡି କେନ୍ଦ୍ର ସବୁ ଖୋଲିପକାଇଲେ ସତ ହେଲେ ସେଇଠି ରହି ସେବା କରିବାପାଇଁ ଡାକ୍ତର ମାନଙ୍କ ମନରେ ଉତ୍ସାହ ଜନ୍ମ କରିପାରିଲେ ନାହିଁ । ସାରା ଜୀବନ ସହରରେ ରହି ପାଠ ପଢିଥିବା ଡାକ୍ତର ବାବୁ ମାନେ ଗାଁ କୁ ଘୃଣାଚକ୍ଷୁ୍ୟରେ ହିଁ ଦେଖିଲେ ଆଉ ଯେତିକି ଗାଁ କୁ ଗଲେ ସେମାନେ ସେଇଠି ସବୁଠାରୁ ନିମ୍ନ ଆବଶ୍ୟକ ସୁବିଧା ଟିକେ ବି ପାଇଲେ ନାହିଁ । ସେଇଥିପାଇଁ ଧିରେ ଧିରେ ଗାଁ କୁ ଆସୁଥିବା ଡାକ୍ତର ମାନଙ୍କ ସଂଖ୍ୟା କମିବାରେ ଲାଗିଲା।



ତା ପରେ ଗାଁ ରେ ରହି କରନ୍ତେ ବା କଣ ? ଏଇମିତି କେତେ ଜଣ କ-ାଉଣ୍ଡର ଗାଁ ରେ ରହି ନିଜକୁ ଡାକ୍ତର କହି ଲୋକ ମାନଙ୍କ ସେବାରେ ଲାଗିଲେ । ପ୍ରଥମେ ପ୍ରଥମେ ଶିଖିଲେ ଆଉ କିଛି ଦିନପରେ ନିଜେ ଦୁଆର ମୁହଁରେ ଡାକ୍ତର ଅମୁକ ସମୁକ ଲେଖି ବୋର୍ଡ ମାରିଲେ । ମାତ୍ର କେଇଟି ଟଙ୍କା ଦେଇ କଲିକତା ପରି ସହରରୁ ବେନାମୀ ସାର୍ଟିଫିକେଟ କିଣି ଆଣି ନିଜେ ହୋଇଗଲେ ଡାକ୍ତର । ତା' ଙ୍କ ପଦଅନୁସରଣ କରି ଗାଁ ରେ ବେକାର ବସିଥିବା କିଛି ଯୁବକ ମଧ୍ୟ ନିଜକୁ ନିଜେ ଡାକ୍ତର କରିପକାଇଲେ । ମାଟ୍ରିକ ପାସ କରିଥିବା ଗାଁ ର ଝିଅଟିଏ ଯାହାକୁ ସରକାର ଗାଁ ରେ ହିଁ ଦିଦି ପଦବୀରେ ଚାକିରୀଦେଲେ ସେ ମଧ୍ୟ ଡାକ୍ତର ହୋଇଗଲା । ଲୋକମାନଙ୍କୁ ମାଗଣାରେ ଯୋଗାଇଦିଆଯାଉଥିବା ଓଷଧ ସବୁ ବିକିଲେ । ଆଉ ତା'ଙ୍କୁ ପ୍ରତିରୋଧ କରିବ କିଏ ?

ସମସ୍ତେ ଜାଣି ବି ଚୁପ୍ । ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି ଯେ ଆମ ଦେଶରେ ସ୍ୱାସ୍ଥ୍ୟ ସେବା କେମିତି ଚାଲିଛି, କିନ୍ତୁ କେହି ଅଭିଯୋଗ କରନ୍ତି ନାହିଁ । ସେହି ଗାଁ ର ଅଳ୍ପଶିକ୍ଷିତ ବେକାର ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହୁଅନ୍ତି । କେବେ କେଜାଣି ଯଦି କେହି ଜଣେ ମୃତ୍ୟୁବରଣ କରେ ତା'ହେଲେ ସମସ୍ତେ ଡାକ ପକାନ୍ତି ଡାକ୍ତରଙ୍କୁ, ଦୋଷ ସବୁ ମୁଣ୍ଡାଇଦିଅନ୍ତି ନିରିହ ଡାକ୍ତରଙ୍କ ମୁଣ୍ଡରେ । ସେତେବେଳେ ଡାକ୍ତରସବୁ ଚୁପ୍ ରହନ୍ତି, କାରଣ ମନ୍ତ୍ରୀଯନ୍ତ୍ରୀଙ୍କ ସାମନାରେ ସାହାସ କରନ୍ତି ନାହିଁ କହିବା ପାଇଁ ଯେ ସେ ଗାଁ ରେ ରହନ୍ତି ନାହିଁ କାରଣ ଦିନିକିଆ ଉପର ବାବୁ ଜଣକ ଜନତାଙ୍କ ଦୁ:ଖରେ ସମଦୁ:ଖି ହେବାର ଅଭିନୟ କରନ୍ତି ଆଉ ସର୍ବ ସାଧାରଣ ଙ୍କ ସମ୍ମୁଖରେ ଡାକ୍ତରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଦେବାକୁ ମଧ୍ୟ ପଛାନ୍ତି ନାହିଁ । ଏଇମିତି ପରିସ୍ଥିତି ରେ କୋଣସି ଗାଁ ରେ ବା କିଏ ରହିବ ।

ଅନ୍ୟ କଥାଟି ହେଲା । ଦେଶରେ ତିରିଶିଟି ରାଜ୍ୟ ମଧ୍ୟରେ ସବୁଠାରୁ ଅବହେଳିତ ଓ ପଛୁଆ ରାଜ୍ୟ ଭାବରେ ଗୋରବ ଅର୍ଜନ





କରିଥିବା ଆମ ରାଜ୍ୟରେ ଡାକ୍ତର ମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ ଗତ କେତେ ଦଶନ୍ଧି ଧରି ସେଇମିତି ଅବସ୍ଥାରେ ରହିଛି । ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ପରି ସହରରେ ଡାକ୍ତର



ମାନଙ୍କର ଆରମ୍ଭରେ ହିଁ ଦରମା ପାଂଚ ଅଂକ ବିଶିଷ୍ଟ ହୋଇଥିବାବେଳେ ଆମ ରାଜ୍ୟରେ ତାହା ଦଶ୍ ହଜାରରୁ ବି କମ । ଦ୍ୱିତୀୟ କଥା ନୁଆ ନୁଆ ଏମ ବି ବି ଏସ୍ ପାସ କରିଥିବା ଡାକ୍ତର ଜଣ କୁ ଦିଲ୍ଲୀ ସହର ରେ କୋଡିଏ ହଜାର ଟଙ୍କା ପାଉଣା ମିଳୁଥିବା ବେଳେ ଆମ ରାଜ୍ୟରେ ତାହା, ନକହିଲେ ଭଲ

ସରକାରୀ ଚାକିରୀ କରୁଥିବା ଅନେକ ଡାକ୍ତରଙ୍କ ଆଉ ଗୋଟିଏ ଅସୁବିଧା ହେଲା ନୁଆ ଓଷଧ ର ଅଭାବ । ସରକାରୀ ଭାବରେ ପ୍ରାପ୍ତ କେବଳ ହାତମୁଠାରେ ଗଣି ହେଉଥିବା ଓଷଧ ଦ୍ୱାରା ସବୁ ପ୍ରକାର ରୋଗର ଚିକିତ୍ସା କରିବା ସହଜ ନୁହେଁ । ଜ୍ୱର, ମୁଣ୍ଡବ୍ୟଥା, ଦେହ ହାତ ବ୍ୟଥା ଇତ୍ୟାଦି ରୋଗ ପାଇଁ ସେହି ଗୋଟିଏ ପାରାସିଟାମଲ କିମ୍ବା ନିମେସୁଲାଇଡ ଓଷଧ ଦେଇ ଦେଇ ଏମିତି ଅବସ୍ଥା ହେଲାଣି ଯେ ଏବେ ରୋଗୀମାନେ କହୁଛନ୍ତି ଡାକ୍ତର ମାନଙ୍କୁ କିଛି ଜଣା ନାହିଁ । ସବୁ ରୋଗ ପାଇଁ ଏକା ଓଷଧ ? ସେମାନେ ବା କେମିତି ବୁଝିବେ ଯେ ସରକାର ବାହାଦୁର ତ କେବଳ ସେହି କେତୋଟି ଓଷଧ ହିଁ ଦେଇଛନ୍ତି । କିନ୍ତୁ ତା'ଙ୍କ ଗାଁ ରେ ଥଳିଟିଏ ଧରି ମୋଟରସାଇକେଲ ରେ ଆସୁଥିବା ବଙ୍ଗାଳି ଡାକ୍ତର ଜଣକ ଅନେକ ପ୍ରକାର ଓଷଧ ଦେଉଛି, ଏହା ସେମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନଆସିବା ପାଇଁ ଯଥେଷ୍ଟ କାରଣ ।

ପରିସ୍ଥିତି ଏହାଠାରୁ ଅହୁରି ଅଧିକ ଖରାପ । ଆମେ ଜାଣି ବି ଚୁପ କାରଣ କେହି କହିବାକୁ ଚାହାନ୍ତି ନାହିଁ । କାହାର ସ୍ପୃହା ବି ନାହିଁ । କାରଣ କହିଲେ ପୁଣି ଗାଁ କୁ ଯିବାକୁ ହେବ । ଯାହା ଯେମିତି ଚାଲିଛି ଚାଲିଥାଉ । କଥାରେ ଅଛି, 'ଚେଇଁ ଶୋଇଥିବ ଯିଏ, ତା'କୁ ଉଠାଇବ କିଏ '

ଗାଁ ଲୋକ ସେମିତି ଗାଁ ରେ ହିଁ ରହିବେ ସହରୀ ହୋଇ ଯିବେନି । ସରକାରୀ ଡାକ୍ତରଙ୍କୁ ଛାଡି ବଙ୍ଗାଳି ଡାକ୍ତରଙ୍କ ଗୁଣ ବଖାଣୁଥିବା ସେହି ଗାଁ ଲୋକ ମାନେ ସରକାରୀ ଡାକ୍ତରଙ୍କ ବିଶେଷତ୍ୱ କେବେ ବି ବୁଝିବେ ନାହିଁ । ପ୍ରାଣ ଗଲାବେଳେ ଡାକ୍ତରଙ୍କୁ ମନେ ପକାଇବେ କାରଣ ବିନା ଡାକ୍ତରି ପ୍ରମାଣପତ୍ରରେ କୋଣସି ପ୍ରକାର ସରକାରୀ ସାହାଯ୍ୟ ପାଇବେ ନାହିଁ । ଆଉ ସେଇମିତି ଲୋକ ମାନଙ୍କ ଉପରେ ଆମର ଡାକ୍ତର ଆଜ୍ଞାଙ୍କ ମନରେ ଟିକେ ହେଲେ ଦରଦ ନାହିଁ । କେମିତି ବି ଥାଆନ୍ତା । ?



ଡାକ୍ତର ଆଜ୍ଞା କହୁଥିଲେ, ତା'ଙ୍କ ବାପା କାଳେ କହୁଥିଲେ, 'ଡାକ୍ତର ହେବା ଦୁନିଆ ରେ ସବୁଠୁ କଠିନ କାମ ।' ଯଦି ସେ ଏବେ ବଂଚିଥାନ୍ତେ ତା'ହେଲେ ଏହା କହିବା ପୂର୍ବରୁ ଦୁଇ ଥର ଅନ୍ତତ: ଭାବିଥାଆନ୍ତେ



# ଏକ ଅନନ୍ୟ ଅନୁଭୂତି



ପୁଅ ଝିଅଙ୍କ ମଧ୍ୟରେ ମୁଁ ବହୁତ ତଫାତ କରେନି । ଏପରି ବାକ୍ୟ ତ ଦୁରେ ଥାଉ ଏପରି ଚିନ୍ତାଧାରା ମୋ ମସ୍ତିଷ୍କର କୋଣସିଟି ମଧ୍ୟ ସୁକ୍ଷ୍ମ ସ୍ନାୟୁରେ ନଥିବ । କାରଣ ଛୁଆଟି ବେଳୁ ମୁଁ ସବୁବେଳେ ଟିକେ ଅଧିକ ହିଁ ସମାଜ ସଂସ୍କାରକ ବୋଲି ନିଜକଉ ପ୍ରତିପାଦିତ କରିବାରେ ତତ୍ପର ଥିଲି । କିନ୍ତୁ ଆଜି କାହିଁକି ହଠାତ୍ କହୁ କହୁ ଯା'ଙ୍କୁ କହିଦେଲି ଝିଅର ମା' ଆଉ ପୁଅର ମା' ହେବାରେ ବହୁତ ତଫାତ ଅଛି । ଏପରି ଏକ ଶବ୍ଦ ମୋ ମୁଖରୁ ନିଃସୃତ ହେବାର ପର ମୁହୁର୍ତ୍ତରେ ହିଁ ଏ ମହାଶୟ କଣ ଚୁପ ରହିପାରନ୍ତେ ? ଖୋଜୁଥିବା ଖିଅଟିଏ ମିଳିଗଲା ଓ ଇଏ ମୋ ପଛରେ ହାତ ଧୋଇ ପଡିଗଲେ । ବାହା ହେବା ପରଠାରୁ ଏମିତି ସୁଯୋଗ ସେ କଦାପି କରନ୍ତି ନାହିଁ ଯେଉମ୍ଠି ମୋତେ ଚିଡାଇପାରିବେ ନାହିଁ ।ଏମିତି ବି ନୁହଁ ମୁଁ ତା'ଙ୍କ ଚିଡାଇବାଟାକୁ ପସନ୍ଦ କରେ ନାହିଁ ବରଂ ସେ ନ ଚିଡାଇଲେ ମୁଁ ଆଚମ୍ବିତ ହୋଇଯାଏ । ମୋତେ ସନ୍ଦେହ ହୁଏ କାଳେ କିଛି ମୁଡ ଖରାପ ଅଛି କି ?

ତ କୋଉଠି ଥିଲି ? ହଁ, ! ପତି ପରମେଶ୍ୱର କଣ କହିଲେ ନା ଶ୍ରେଷ୍ଠାକୁ ତ ମାତ୍ର ବାରବର୍ଷ ଏଥିରେ ତୁମକୁ ଯୋତୁକ ଚିନ୍ତାହେଲାଣି ନା କଣ ? ପୁଣି ସେଥିରେ କେତେ କଥାରେ ଲଥା । ସେ କଣ ବୁଝିବେ ? ଜଲ୍ଦି ବିବାହ, ଜଲ୍ଦି ଝିଅର ଜନ୍ମ ସମୟ ଟିକେ ବିତିଛି କି ନାହିଁ ଝିଅ ମା' ର କାନ୍ଧଯାଏଁ ଲମ୍ବା । ଏଥିରେ ଦେଖିବାଲୋକ କଣ ଜାଣିବକି ଯେ ଝିଅକୁ ବାର । କଥା କଣ ନା ବଢିଲା ଝିଅର ମା' । ଆଉ ଚାଳିଶା କଣ ହୋଇ ନଥିବ ? ଦେଖ କଥାତ ଏଇଠି, ପୁଣି ତା'ଙ୍କର ଟାହିଟାପରା ଓ ହସ ସହ ଅନେକ ଅନେକ ଅନାବଶ୍ୟକ ମନ୍ତବ୍ୟ । ଏଇଥି ଲାଗି ତ କହୁନଥିଲି । ଖାଲିଟାରେ ଯାହା ଜବର୍ଦସ୍ତ ପଛରେ ପଡିଗଲେ ।

ତେବେ, ତେବେ କଣ ମୋ ସାଙ୍ଗସାଥୀ, ମୋ ମାଉସୀଝିଅ ନାନି, ଦୁଇ ଦୁଇଟା ଛୁଆର ମା' । ପୁଅଯାଇ କଲେଜରେ ପାଦଦେଲାଣି, କଣ ନା ବୋହୁ ନ ଆସିଲାଯାଏଁ ଏମାନେ ଘରର ନୁଆବୋହୁ । ବୟ୍ସ କୋଡିଏ ଡେଇଁଥିବକି ନାହିଁ ଝିଅର, ଆମେ ସବୁ ଶାଶୁ । କଣ ନା କାଲିର ବୋହୁ ଆଜିର ଶାଶୁ । ତା'ପରେ ବର୍ଷ ଗୋଟିଏ ଯାଇଥିବକି ନାହିଁ ଆମେ ବୁଢି ଆଈ । ଝିଅର ମା । ଯା' ଫାଲତୁ, ହା ହା ହା । ଯା ଉପରେ ଯା'ଙ୍କରି ହସ । କଟାଘା' ରେ ଲୁଣ ତ ଲୁଣ ସାଥୀରେ ଲେମ୍ବୁ ଚିପୁଡା

ମୋ ବୋଉଙ୍କର ମମତାଭରା ମାତୃହୃଦୟର ବିଶାଳତା । ତେବେ ଆଜି ମୋତେ ଶ୍ରେଷ୍ଠାର ବୟସଟା ଏମିତି ହଠାତ ଜଣାପଡିଲା କାହିଁକି ? ମୋତେତ ମୋ କିଶୋରାବସ୍ଥାରେ ଏପରି କୋଣସି ମନ୍ତବ୍ୟ ଅସହ୍ୟ ହେଉଥିଲା । ମୋତେ ମନେପଡୁଛି, ନୁଆ ନୁଆ କଲେଜ ଗଲାବେଳେ ବୋଉଙ୍କ ହାତର ଘଣ୍ଟା, ପୂଜାପରବ, ଭୋଜିରେ ବୋଉଙ୍କର ସୁନା ଗହଣାସବୁ ଅନାୟାସରେ ଅଧିକାରରେ ଧୀରେ ଧୀରେ ମୁ ବ୍ୟବହାର କରିବା ଆରମ୍ଭ କରିଥିଲି । ତା'ଙ୍କ ପସନ୍ଦର ଶାଢିକୁ ଜିଦ କରି କାନ୍ଦିରୁସି କାଟି ସଲୱ୍ୱାର କମୀଜ କରିଥିଲି । ନୁଆ ନୁଆ ଶାଢି ପିନ୍ଧିଲା ବେଳେ ତା'ଙ୍କରି କେତେ ଶାଢିପାଟ ନଷ୍ଟ କରିଛି । ବୋଉ ନ ପିନ୍ଧି ତା'ଙ୍କରି ଗହ୍ଣା ଶାଢି ଇତ୍ୟାଦି ମୋତେ ଦେଇ ଦିଅନ୍ତି ଓ କହନ୍ତି, ମା' ଝିଅର କାନଫୁଲ ହଲେ ଓ ହସନ୍ତି । ତେବେ ମୁଁ ଜାଣେ କେତୋଟି ଜିନିଷ ସେ କରିବାକୁ ନ ଚାହିଁ ମୋ ଲାଗି ବିନା ଦ୍ୱିଧାରେ କରିଛନ୍ତି । ଯେମିତି ନିଜ ସ୍ମୃତି ନିର୍ବନ୍ଧର ଶାଢି କାଟି ମୋ ପାଇଁ ଚୁଡୀଦାର କରିଦେଇଛନ୍ତି । ମୁଁ ଥରେ ଦୁଇଥର ମାତ୍ର ପିନ୍ଧି ତା' ପରେ କେବେ ଛୁଇନି । ସତରେ ମା' ର ମମତାରେ କି ଚମ୍ତ୍କାର ଶକ୍ତି । ମୁଁ ବି କଣ ଠିକ ବୋଉଙ୍କ ଭଳି ହେଇଯାଉଛି ???

> ପ୍ରତ୍ୟେକ ଝିଅ ଦିନେ ନା ଦିନେ ମା' ହୁଅନ୍ତି । କିନ୍ତୁ କଣ ସବୁ ମା' ଝିଅଙ୍କ ମନ ଜାଣିପାରନ୍ତି ?

ଆଜି ଯେତେବେଳେ ଶ୍ରେଷ୍ଠାମତେ ମୋର ଫେବୋରାଇଟ ଦାମି ବ୍ରେସଲେଟଟି, ଯେଉଁଟି ମୋତେ ସେ ଦେଇଥିଲେ ଆମର ଶେଷ ବିବାହ ବାର୍ଷିକୀଉତ୍ସବରେ, ମାଗିଲା ତା ଫନଫେୟାର ପାର୍ଟିପାଇଁ ମୁଁ କିଛି ଭାବିବାପୂର୍ବରୁ ତା'କୁ ନିଜ ହାତରେ ନେଇ ପିନ୍ଧାଇ ଦେଲି । ପୁଣି ମୋର ଅତି ପସନ୍ଦର ଡିଜାଇନର ହେଡସ୍କାର୍ଫଟିକୁ ମଧ୍ୟ ତା' ଡ୍ରେସ୍ ସହ ମ୍ୟାଚ ହେବ କହି ତା' ଗଳାରେ ଝୁଲାଇଦେଲି । ଯେତେବେଳେକି ପିଲାଟି ଦିନରୁ ଏଯାଏଁ ମୁଁ ମୋ ଜିନିଷ କାହାରିକୁ ଛୁଆଁଇଦେଇନି । ମୋଠାରେ ଏ କି ପ୍ରକାରର ପରିବର୍ତ୍ତନ । କିନ୍ତୁ ମୁଁ ଆଦୌ ବିଚଳିତନୁହଁ ବରଂ ଗର୍ବିତ ଓ ଆନନ୍ଦିତ । ମାତୃତ୍ୱର ପାବନ ଜଳଧାରାରେ ସ୍‌-ର୍ଣ ରୁପରେ ପ୍ଲାବିତ ଓ ପବିତ୍ରତା ଅନୁଭବ କରୁଛି । ଏତିକି ତ ମନର ଗଭିରତାରୁ ପ୍ରକାଶ କରିବା କୁ ଚାହୁଁ ଥିଲି । ବାକି ସବୁ ତ ଥିଲା ଏକ ଛଳନା ଓ ବାହାନା ମାତ୍ର ।

କଣ ସବୁ ଝିଅ ମା ହେଲା ପରେ ଏମିତି ହିଁ ଅନୁଭଭବ କରନ୍ତି

ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ପଶ୍ଚାତାପ

ସଫଳତାର ଶୀର୍ଷରେ ପହଂଚି ପଛକୁ ଫେରି ଚାହିଁଲା ଶିଳ୍ପା । ଦୂର ଦୂର ପର୍ଯ୍ୟନ୍ତ କେବଳ ଖାଁ ଖାଁ ନିରବତା ବ୍ୟତୀତ ଆଉ କିଛି ବି ଦିଶୁନି । ଅନତି ଦୂରରେ ସେ ଦେଖିଲା ତା' ପରି ଆଉ କେତେ ଜଣ ମଧ୍ୟ ଆଗେଇ ଆସୁଛନ୍ତି, ତା' ରି ଆଡକୁ । ବୋଧହୁଏ ସେମାନେ ଚାହାନ୍ତି ସେହି ସ୍ଥାନ ଯେଉଁଠି ସେ ଆଜି ଆସି ପହଁଚି ପାରିଛି ।

ଶିଳ୍ପାର ମନରେ ଅନେକ ପ୍ରଶ୍ନ ଓ ଚିନ୍ତା ଉଦ୍ରେକ ହେଉଥିଲା । ସେ ପୁଣି ଆଗକୁ ଚାହିଁଲା । ମେଘ ସେ ପାରିରେ ତା' କୁ ଆଉ ଗୋଟିଏ ଡାଳ ଦେଖାଗଲା । ଅନ୍ଧାରରେ ସେ ଆଗକୁ ବଢିବାକୁ ଲାଗିଲା । କିଛି ସମୟ ମଧ୍ୟରେ ସେ ନୂତନ ଉଚ୍ଚତା ପାଇସାରିଥିଲା । ଅଥଚ ମନରେ ଶାନ୍ତି କୁ ଖୋଜି ପାଉ ନଥିଲା । ସେ ପଛକୁ ଚାହିଁ ଦେଖିଲା କେହି ବି ଦିଶୁ ନାହାନ୍ତି । ସେ କିଛି ସମୟ ପାଇଁ ଆଶ୍ୱସ୍ତ ହୋଇ ବସିଲା । ସୁପ୍ତ ମନରେ ଜାଗ୍ରୁତ ହେଉ ଥିବା ଅସଂଖ୍ୟ ଖୁଶିର ଢେଉ ଗୁଡିକ ତା ଛାତି କୁ ବିଦାରି ପକାଉଥିଲା । ସେ ଚାହୁଁଥିଲା ସମସ୍ତେ ତା' କୁ ହିଁ ଦେଖନ୍ତୁ । ତା' ର ସାକାର ସ୍ୱପ୍ନର ଉଚ୍ଚତାକୁ ସମସ୍ତେ ମାପନ୍ତୁ । କିନ୍ତୁ ଦୂର ଦୂର ପର୍ଯ୍ୟନ୍ତ ସେ କାହାରିକୁ ଦେଖିପାରିଲା ନାହିଁ । ବାପା ମା' ଅନେକ ସମୟ ଆଗରୁ ଉଭେଇଯାଇଥିଲେ ଆଉ ସ୍ୱାମୀ ମଧ୍ୟ ସେମାନଙ୍କ ପଛେ ପଛେ ତା'କୁ ଏକା କରି ଚାଲିଯାଇଥିଲେ । ସେ ଏକା ଏକା ସଫଳତାର ଶୀର୍ଷରେ ପହଂଚି ପାରିଥିଲା ଅଥଚ ତା' ପାଖରେ ଆଉ ବଳନଥିଲା କିମ୍ବା ବୟସ ।

ସଫଳତାର ସ୍ୱାଦ ତା'କୁ ଧିରେ ଧିରେ କମ ମଧୁର ଜଣା ପଡୁଥିଲା । ସେ ଜାଣି ପାରୁଥିଲା ଯେ କିଛି ସମୟ ମଧ୍ୟରେ ଆଉ ଜଣେ କେହି ଆସିବ ଆଉ ତା'କୁ ସେହି ଶୀର୍ଷତମ ସ୍ଥାନରୁ ବିତାଡିତ କରି ପକାଇବ । ସଫଳତା ବୃକ୍ଷର ସର୍ବୋଚ୍ଚ ସ୍ଥାନରେ ବସିଥିବାବେଳେ ହଠାତ ତଳ ଡାଳରେ କ-ନ ଅନୁଭବ କଲା । ଆଉ ତଳକୁ ଦେଖିଲା ବେଳକୁ କେହି ଜଣେ ଖୁବ ଶୀଘ୍ର ଉପରକୁ ଚଢିଆସୁଥିଲା । ସେ ଉପରକୁ ଦେଖିଲା ଅଥଚ କିଛି ଦେଖିପାରିଲା ନାହିଁ ବୋଧହୁଏ ତା ଆଖି ସବୁ ଦୁର୍ବଳ ହୋଇ ଆସୁଥିଲା । ଏତିକି ବେଳେ ସେ ଉପରକୁ ଉଠିବାକୁ ଚେଷ୍ଟା କଲାବେଳକୁ ତଳ ଆଡୁ ତାକୁ ତା' ପୁଅର କଣ୍ଠସ୍ୱର ଶୁଭିଲା । ସେ ଦେଖିଲା ତା' ପୁଅ ସେହି ସଫଳତା ବୃକ୍ଷତଳେ ଥାଇ ତା' ଆଡକୁ ହାତ ବଢାଇଛି । ସେ ପୁଅକୁ ଉପରକୁ ଆଣିବାକୁ ଚେଷ୍ଟାକଲା ଆଉ ଏହି ପ୍ରଚେଷ୍ଟାରେ ସେ ତଳକୁ ଖସି ଆସିଲା ।

ହଠାତ ଉପରୁ ତଳକୁ ଆସିବା ଦୁଃଖ ତା'କୁ ଯେତେ କଷ୍ଟ ଦେଉଥିଲା ତା'ଠାରୁ ଅଧିକ ଖୁଶି ସେ ଅନୁଭବ କରୁଥିଲା ତା' ଏକ ମାତ୍ର ପୁଅକୁ ସେ କର୍ମ ଯୋଗାଇ ପାରିଥିଲା । ଜୀବନସାରା କଷ୍ଟକରି ଯାହା ଉପାର୍ଜନ କରିଥିଲା ସବୁ ଦେଇ ସେ ନିଜ ପୁଅ ପାଇଁ ଚାକିରୀ ଖଣ୍ଡେ ଯୋଗାଡ କରି ପାରିଥିଲା । ପିଲାବେଳୁ ଏକ ମାତ୍ର ପୁଅ ବୋଲି ମାତ୍ରାଧିକ ସ୍ନେହ ଓ ମମତାର ଆଶ୍ରାପାଇ ବିଗାଡି ଯାଇଥିଲା । ସ୍କୁଲ ଓ କଲେଜରେ ନିଜର ଜ୍ଞାନର କମ ବରଂ ଗୁଣ୍ଡାରାଜ ପାଇଁ ପ୍ରସିଦ୍ଧ ହୋଇଥିଲା ସେ ଅଥଚ ଶିଳ୍ପା କେବେ ବି ସେ ଦିଗରେ ଧ୍ୟାନ ଦେଇନ ଥିଲା । ସବୁବେଳେ କେବଳ ନିଜ ଚାକିରୀ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଭୁଲି ଯାଇଥିଲା ତା' ପୁଅ ପାଇଁ ଥିବା ତା କର୍ତ୍ତବ୍ୟ । ଅସମୟରେ ସ୍ୱାମୀ ଛାଡିଯାଇଥିଲେ ଆଉ ଘର ଚଳାଇବା ପାଇଁ ସେ ବାଧ୍ୟ ହୋଇଥିଲା ଚାକିରୀ କରିବା ପାଇଁ । ଅବଶ୍ୟ ଯୁବାବସ୍ଥାରୁ ହିଁ ସେ ଉଚ୍ଚାକାଂକ୍ଷି ଥିଲା ଆଉ ସେହି ପରିସ୍ଥିତିରେ ପଡି ସେ ତା'ର ସ୍ୱପ୍ନକୁ ସାକାର କରିବା ପାଇଁ ଅଧିକ ଆତୁର ହୋଇ ପଡିଲା, ଆଉ ସେହି ନିଶାରେ ସେ ଭୁଲି ଯାଇଥିଲା ତା ପୁଅପ୍ରତି ଥିବା ତା କର୍ତ୍ତବ୍ୟ କଥା ସେ ପୁରା ଭୁଲିଗଲା ।



*ସଫଳତାର ଶୀର୍ଷରେ ରହିବା ପାଇଁ ସେ ସବୁ କିଛି କଲା କିନ୍ତୁ ଭୁଲିଗଲା ନିଜର କର୍ତ୍ତବ୍ୟ*

ହଠାତ ତା ନିଦ ଭାଙ୍ଗିଗଲା, ଶୋଇବାଘରୁ ବାହାରକୁ ଆସିଲା ବେଳକୁ ତା ପୁଅର କଣ୍ଠସ୍ୱର ଶୁଣିଲା । ଲାଗୁଥିଲା ଯେମିତି ସେ ଭାରୀ କ୍ରୋଧରେ ଥିଲା ।

ସେ କିଛି କହିବାପୂର୍ବରୁ ତା ପୁଅ ତା ଉପରକୁ ଚଢି ଆସି ଗାଳି କରିବାକୁ ଲାଗିଲା । କହୁଥିଲା ଯଦି ମୋ ପାଇଁ ଚାକିରୀ ଖଣ୍ଡେ କରିବାର ଥିଲା ତାହେଲେ ଅଫିସର କାହିଁକି କଲୁନି ? ତା ସାଙ୍ଗମାନେ ତାକୁ ଘୃଣା କରୁଛନ୍ତି ।

'ଯଦି ଭଲ ଚାକିରୀ କରିବାକୁ ଚାହୁଁଥିଲୁ ତା ହେଲେ ନିଜେ କଷ୍ଟ କରି ପାଠ ପଢିଲୁନି କାହିଁକି ? ପାଠ ପଢିବା ସମୟରେ ଖରାପ ସାଙ୍ଗକରି କାହିଁକି ସମୟ ନଷ୍ଟକଲୁ । ତୋ ଚାକିରୀ ପାଇଁ ମୁଁ ନିଜ ଚାକିରୀ ଛାଡିଦେଲି ଅଥଚ ତୁ କିଛି କଲୁନି ଆଉ ଏବେ ମୋତେ କେଉଁ ସାହାସରେ କଥାକହୁଛୁ ।' ତା ମନର କଥା ସେ ମନରେ ରଖିଦେଲା କିଛି କହିପାରିଲାନି । କିଛି କହିବାର ଅଭିପ୍ରାୟ ନଥିଲା । କାରଣ କହିଲେ ପୁଅର କ୍ରୋଧର ଶିକାର ହେବାକୁ ଚାହୁଁନଥିଲା ଆଉ ତା ଗଡିଯାଇଥିବା ବୟସର ଏକ ମାତ୍ର ସାହାରାକୁ ହରାଇବାକୁ ଚାହୁଁନଥିଲା । ଆଉ ଭୁଲବି ସେ ହିଁ ତ କରିଥିଲା । ଜୀବନସାରା କେବଳ ନିଜ ର ସ୍ୱପ୍ନ ବିଷୟରେ ଭାବି ଭାବି ସେ ତା ପୁଅର ଭବିଷ୍ୟକୁ ବାଜି ଲଗେଇଦେଇଥିଲା ।

# ସମୟ
ଧାରାବାହିକ କାହାଣୀ

ହାତ ଧରି ବାଟ ଚାଲୁ ଚାଲୁ ହଠାତ ହାତଛାଡି ଚାଲିଯାଉଥିବା ଦୁଷ୍ଟ ପିଲାଟିକୁ ମାବାପା ସ୍ନେହରେ ପାଖକୁ ଡାକି ଗେଲ କରିବାର ଦୃଶ୍ୟ ଦେଖି ସେହି ଆଡକୁ ଚାହିଁ ରହିଗଲା ରମେଶ । ଆଖିର କୋଣରୁ ଝରି ଆସୁଥିବା ଲୁହ ଟୋପାଟିକୁ ଲୁଚାଇ ସେ ସେହି ଠାରୁ ଉଠି ଚାଲିଯିବାକୁ ଉଦ୍ୟତ ହେଉଥିବା ବେଳେ ହଠାତ ସେ କିଛି ଜାଣି ପାରିଲା ନାହିଁ. ତା' ଆଖି ଅନ୍ଧାର ଦିଶିଲା. ମୁଣ୍ଡଟା ଓଲଟି ପଡିଥିବା ମୋଟର ସାଇକେଲର ଚକା ପରି ଘିରି ଘିରି ବୁଲିଲା ପରି ଲାଗିଲା. ସେ ହାତ ବଢାଇଲା କୋଣସି ଜିନିଷକୁ ଧରି ରହିଯିବା ପାଇଁ କିନ୍ତୁ ପାରିଲା ନାହିଁ । ସେଇଠି ପଡିଗଲା । ହଠାତ ପାର୍କ ଭିତରର ଶାନ୍ତ ବାତାବରଣଟା କୋଲାହଳମୟ ହୋଇପଡିଲା ଆଖି ଖୋଲି ଦେଖିଲା ସେ ସହର ର କୋଣସି କ୍ଲିନିକ୍ ର ବେଡ ଉପରେ ଶୋଇଥିଲା । ଚତୁ:ର୍ପାଶ୍ୱକୁ ଦେଖିଲା କେହି ନାହାନ୍ତି । ସେ ବେଡ ଉପରୁ ଉଠି ଠିଆ ହେବାକୁ ଚେଷ୍ଟାକଲା ଅଥଚ ପାରିଲା ନାହିଁ । ପୁଣି ଥରେ ଖଟଉପରେ ଶୋଇପଡିଲା । ଖଟର ଶବ୍ଦ ଶୁଣି ନର୍ସ ଆସିଲା । ନର୍ସକୁ ପଚାରି ବୁଝିଲା ଯେ ସେ ଅନ୍ତତ: ଦୁଇ ଘଣ୍ଟା ପର୍ଯ୍ୟନ୍ତ ଅଚେତ ରହିଥିଲା । ତା' ପରେ ଡାକ୍ତର ଆସି ତାକୁ ପୂର୍ବରୁ ଏପରି କୋଣସି ଘଟଣା ଘଟିଥିବା ବିଷୟରେ ପଚାରିଲେ । ସେ ସବୁ ପ୍ରଶ୍ନର ଉତ୍ତରଦେଉଥିଲେ ମଧ୍ୟ କାହିଁକି କେଜାଣି ଅଣନି:ଶ୍ୱାସି ହୋଇପଡୁଥିଲା । ତା'କୁ କଣ ହେଇଛି କିନ୍ତୁ କେହି କହୁ ନଥିଲେ



ଅଣି ବର୍ଷର ଜୀବନ କାଳରେ କାଁ ଭାଁ ଜ୍ୱର ଥଣ୍ଡାକୁ ଛାଡିଦେଲେ ସେ କେବେବି ଅନ୍ୟ କୋଣସି ପ୍ରକାର ରୋଗରେ ପଡିନଥିଲା । ତା' ର ମନେ ପଡୁଥିଲା ସାତ ବର୍ଷତଳର କଥା ଯେତେବେଳେ ସେ ସାମାନ୍ୟ ଜ୍ୱରରେ ପଡିଯିବାପରେ ରିନା ବୋଉ କେମିତି ବିଚଳିତ ହୋଇ ପଡିଥିଲା. ଆଉ ତା ଦେହ ଭଲ କରିଦେବା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରି ଥିଲା ଯେ ସେ ଭଲ ହେଲାବେଳକୁ ରିନା ବୋଉ ଆଉ ନଥିଲା । ଡାକ୍ତରଙ୍କ ଶତ ବାରଣ ସତ୍ତ୍ୱେ ସେ ଉପବାସ କରିଥିଲା ଯେ ଅସମୟରେ ସ୍ୱାମୀଙ୍କୁ ଏକାକରିଦେଇ ଚାଲିଗଲା । ରମେଶମନରେ ସେହି ଦିନ ଅନେକ ପ୍ରଶ୍ନ ଉଠିଥିଲା । ପୁଅଝିଅମାନଙ୍କ ଅନେକ ଅନୁରୋଧ ସତ୍ତ୍ୱେ ସେ ଏକା ରହିଥିଲା ପଛେ କାହା ଉପରେ ବୋଝ ହେବାକୁ ଚେଷ୍ଟା କରି ନଥିଲା ।

ନିଜ ଜୀବନକାଳରେ ସରକାରି ଚାକିରୀରୁ ଯାହା ପାଉଥିଲା ସେଥିରେ ନିଜର ତିନିଗୋଟି ସନ୍ତାନ କୁ ସେ ଉଚିତ ଶିକ୍ଷାଦେଇଥିଲା । ସେ ଚାକିରୀରୁ ଅବସର ଗ୍ରହଣ କରିବା ପୂର୍ବରୁ ବଡ ପୁଅ ରବି ଚାକିରୀ କରିସାରିଥିଲା ଆଉ ସାନ ପୁଅ ମଧ୍ୟ ଛୋଟମୋଟ ବ୍ୟବସାୟ ଖଣ୍ଡେ ଆରମ୍ଭ କରିଥିଲା । ଗୋଟିଏ ବୋଲି ଅଲିଅଳି ଝିଅକୁ ସେ ଭଲ ଘର ଓ ବର ଦେଖି ବିବାହ ଦେଇଥିଲା । ସର୍ବୋପରି କହିବାକୁ ଗଲେ ସେ ସ୍ୱ-ର୍ଣ ଭାବରେ ନିଜର ଜୀବନକୁ ଉପଭୋଗ କରିଥିଲା । ଶେଷ ସମୟରେ ରିନାବୋଉ ଛାଡିଗଲା ବେଳେ କହିଗଲା ତା ଜୀବନରେ କୋଣସି ଦୁ:ଖନାହିଁ ବଂ ଚିଥିଲା ବେଳେଦିନେ ବି ସେ ରିନା ବୋଉକୁ କଷ୍ଟ ଦେଇନି । ପର ଘରୁ ବାହାହେଇ ଆଣିଲା ଦିନୁ ତା'କୁ ସର୍ବସ୍ୱ କରି ରଖିଥିଲା । ମଲା ପର୍ଯ୍ୟନ୍ତ ରିନା ବୋଉ ତା'କୁ ମନ ଦେଇ ଭଲପାଇଥିଲା

କ୍ରମଶ:...........

## ବିଶେଷ ସୂଚନା

ଆଗାମୀ ସଂଖ୍ୟାରେ ଏହି ଇ-ନ୍ୟୁଜ ଲେଟରର କଳେବର ଆହୁରି ଅଧିକ ବୃଦ୍ଧି କରିବୁ ଯେତେବେଳେ ଆପଣ ମାନଙ୍କ ଦ୍ୱାରା ପ୍ରେରିତ କାହାଣୀ ଓ କବିତା ସବୁ ଏଥିରେ ସାମିଲ କରିବୁ । ସେଇଥିପାଇଁ ଆଜି ହିଁ ନିଜ ଦ୍ୱାରା ଲିଖିତ ଗଳ୍ପ ଓ କବିତାକୁ ଆମ ନିକଟକୁ ଲେଖି ପଠାନ୍ତୁ ।

## ଆପଣମାନଙ୍କ ପାଇଁ ବିଶେଷ ସୂଚନା

ଆପଣମାନେ ପଢୁଥିବା ଏହି ଇ-ନ୍ୟୁଜ ଲେଟର ଓଡିଶାରେ ପ୍ରଥମଥର ପାଇଁ ପରିପ୍ରକାଶ ପାଇଛି । ଏଥିରେ ଆପଣ ଯେଉଁସବୁ କାହାଣୀ ଓ କ୍ଷୁଦ୍ର ଗଳ୍ପ ପଢୁଛନ୍ତି ସେ ସବୁ ଆମେ ନିଜର ପ୍ରୟାସଦ୍ୱାରା ବନ୍ଧୁ ଓ ଚିହ୍ନା ପରିଚିତ ବ୍ୟକ୍ତି ମାନଙ୍କଠାରୁ ସଂଗ୍ରହ କରିଥିଲୁ । କିନ୍ତୁ ଯଦି ଆପଣ ଚାହାନ୍ତି ଏଥିରେ ନିଜର କାହାଣୀ କିମ୍ବା କବିତା ପଢିବା ଓ ସମସ୍ତଙ୍କୁ ପଢାଇବା ତା'ହେଲେ ଖୁବଶୀଘ୍ର ଆପଣଙ୍କଦ୍ୱାରା ଲିଖିତ କ୍ଷୁଦ୍ର ଗଳ୍ପ ଓ କବିତାକୁ ଆମ ନିକଟକୁ ପଠାନ୍ତୁ । ମନେ ରଖନ୍ତୁ କେବଳ ଓଡିଆରେ ଲିଖିତ ଲେଖା ହିଁ ଆମେ ଗ୍ରହଣ କରିବୁ ।

ଯଦି ଆପଣ ଏହି ଇ-ନ୍ୟୁଜ ଲେଟରଦ୍ୱାରା ପ୍ରଭାବିତ ହୋଇଛନ୍ତି ଆଉ ଚାହାନ୍ତି ଯେ ଆପଣଙ୍କ ବନ୍ଧୁ କିମ୍ବା ଚିହ୍ନାପରିଚିତ କାହାକୁ ଦେବାକୁ ଚାହାନ୍ତି ତା'ହେଲେ ସେମାନଙ୍କର ଇ-ମେଲ ଠିକଣା ଆମକୁ ପଠାନ୍ତୁ । କିମ୍ବା ଯେଉଁଠାରୁ ଆପଣ ଏହି ଇ-ନ୍ୟୁଜ ଲେଟର ପାଇଲେ ସେହି ଲିଙ୍କକୁ ପଠାଇ ପାରନ୍ତି । କିମ୍ବା ଆମସହ ସଂପର୍କ କରି ପାରନ୍ତି ।

ଆମେ ଆପଣଙ୍କୁ ପୁଣିଥରେ ଅନୁରୋଧ କରିବାକୁ ଚାହୁଁଛୁ ଯେ ଏହି ଇ-ନ୍ୟୁଜ ଲେଟରକୁ ଆପଣ ଆପଣଙ୍କ ପରିଚିତ ପ୍ରତ୍ୟେକ ଓଡିଆଲୋକ ପାଖକୁ ପଠାନ୍ତୁ । ଆସନ୍ତୁ ଆମେ ଓଡିଆ ଭାଷାକୁ ସେହି ସମ୍ମାନ ଦେବା ଯାହା ଏହାର ପ୍ରାପ୍ୟ । ଅଧିକ ବିବରଣୀପାଇଁ ନିମ୍ନରେ ଦିଆଯାଇଥିବା ଠିକଣାରେ ସଂପର୍କ କରନ୍ତୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର, ଓଡିଶା ୭୬୦୦୧୦

ଫୋନ: ୯୭୩୮୬୮୪୬୭୯
ଇ-ମେଲ୍: scansing@yahoo.com

ଓଡିଆ ଓଡିଶା

ଆହ୍ୱାନ